## ସଂକ୍ଷେପରେ

### ରଙ୍ଗୋଲି ପ୍ରତିଯୋଗିତା ସମ୍ମାନିତ ହେଲେ ୩ ଅଙ୍ଗନୱାଡି କର୍ମୀ

ଗଞ୍ଜାମ,୨୭ା୧(ବିଦ୍ୟାଧର ସାହୁ) ଗଞ୍ଜାମ ଜିଲା ଛତ୍ରପୁରଠାରେ ଆୟୋଜିତ ଜିଲାସ୍ତରୀୟ ରଙ୍ଗୋଲି ପ୍ରତିଯୋଗିତାରେ ଗଞ୍ଜାମ ବ୍ଲକର ଅଙ୍ଗନୱାଡି କର୍ମୀମାନେ ସଫଳତା ହାସଲ କରିଛନ୍ତି। ସେମାନଙ୍କୁ ଡିଆରଡିଏ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଭାବେ ଅତିଥିମାନେ ସମ୍ମାନିତ କରିଥିଲେ। ମତଦାନ ଉପରେ ଆୟୋଜିତ ରଙ୍ଗୋଲି ପ୍ରତିଯୋଗିତାରେ ରଙ୍ଗେଇଲୁଣ୍ଡା ବ୍ଲକର କୁମାରୀ ଅନିତା ପ୍ରଥମ, ଗଞ୍ଜାମ ଏନଏସି ଆଖଡ଼ାବନ୍ଧ ସାହିର ଅଙ୍ଗନୱାଡି କର୍ମୀ ବବିତା ସେଠୀ ଦ୍ୱିତୀୟ ଓ ଗଞ୍ଜାମ ବଜାର ହରିଜନ ସାହି କେନ୍ଦ୍ରର ଏ. ପିଙ୍କି ତୃତୀୟ ସ୍ଥାନ ପାଇ ସମ୍ମାନିତ ହୋଇଛନ୍ତି। ଛତ୍ରପୁର ଅତିରିକ୍ତ ଜିଲାପାଳ ଦେବଦତ୍ତ ପଣ୍ଡା, ଉପ ଜିଲାପାଳ ଶିବାଶିଷ ବରାଳ, ଡେପୁଟି କମିଶନର ବ୍ରହ୍ମପୁର କଲ୍ୟାଣୀ ସଂଘମିତ୍ରା ଅତିଥି ଭାବେ ଯୋଗ ଦେଇଥିଲେ।

### ଗଣତନ୍ତ୍ର ଦିବସକୁ ଭୁଲିଗଲେ ପୋଷ୍ଟଅଫିସ, ବ୍ୟାଙ୍କ ଅଧିକାରୀ

ପୁରୁଷୋତ୍ତମପୁର,୨୭ା୧(ସବିତା ମିଶ୍ର) ସାରା ଦେଶର ପୁରପଲ୍ଲୀରେ ପବିତ୍ର ସାଧାରଣତନ୍ତ୍ର ଦିବସ ପାଳନ ହେଉଥିବା ବେଳେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁରରେ ଥିବା ପୋଷ୍ଟ ଅଫିସ ଓ ଇଣ୍ଡିଆନ ଓଭରସିଜ ବ୍ୟାଙ୍କରେ ଏହି ଜାତୀୟ ଦିବସ ପାଳନ ହୋଇନି କି ଏଠାରେ ପତାକା ଉତ୍ତୋଳନ କରାଯାଇ ନ ଥିବା ଜଣାପଡିଛି। ଏଭଳି ପବିତ୍ର ଦିବସରେ ନିଜ କର୍ତ୍ତବ୍ୟକୁ ଅଧିକାରୀ ଓ କର୍ମଚାରୀମାନେ ଭୁଲିଯାଇଛନ୍ତି। ଏହା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

### ନଦୀପଠାରୁ ଅଜଗର ଉଦ୍ଧାର

ଦିଗପହଣ୍ଡି,୨୭ା୧(ଅଶେଷ ନାଥ ମିଶ୍ର) ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଆମ୍ବ ଗାଁ ନିକଟ ଘୋଡ଼ାହାଡ଼ ନଦୀ ପଠାରୁ ସୋମବାର ସନ୍ଧ୍ୟାରେ ଏକ ୮ ଫୁଟ ବିଶିଷ୍ଟ ଅଜଗର ସାପ ଉଦ୍ଧାର ହୋଇଛି। ନଦୀକୁ ଶୌଚ ପାଇଁ ଯାଇଥିବା କେତେ ଜଣ ଗ୍ରାମବାସୀ ଅଜଗରକୁ ଦେଖି ଅନ୍ୟକୁ କହିବା ପରେ ସେଠାରେ ଲୋକାରଣ୍ୟ ହୋଇଥିଲା। ଏନେଇ ଗ୍ରାମବାସୀ ପାଟପୁର ବନ ବିଭାଗକୁ ଖବର ଦେଇଥିଲେ। ଫରେଷ୍ଟର ସନ୍ତୋଷ ସାହୁ, ଫରେଷ୍ଟ ଗାର୍ଡ ଜି. ଦିଲ୍ଲୀପ ଘଟଣା ସ୍ଥଳରେ ପହଞ୍ଚି ସତର୍କତାର ସହ ଅଜଗରକୁ ଧରିନେଇ ନିକଟସ୍ଥ ଜଙ୍ଗଲରେ ଛାଡିଥିଲେ।

### ଚିତ୍ତରଞ୍ଜନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

ଧରାକୋଟ,୨୭ା୧(ବିଷ୍ଣୁକେଶରୀ ଆଚାର୍ଯ୍ୟ): ଧରାକୋଟ ମିନିଷ୍ଟାଡିୟମ ପରିସରରେ ଚତୁର୍ଥ ଚିତ୍ତରଞ୍ଜନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଆଇନଜୀବୀ ସଞ୍ଜୟ ପାତ୍ର, ସ୍ୱତନ୍ତ୍ର ଅତିଥି ଭାବେ ବିଡିଓ ସଂଗ୍ରାମ କେଶରୀ ଜେନା, ସମ୍ମାନିତ ଅତିଥି ଭାବେ ୟଙ୍ଗ କ୍ରିକେଟ କ୍ଲବ ସଭାପତି ସୁନିଲ କୁମାର ଗୌଡ଼ଡ, ସମାଜିକ କର୍ମୀ ସୋମନାଥ ମହାନ୍ତି, ସ୍ଥାନୀୟ ସରପଞ୍ଚ ପୁନିଆ ଦାସ, ଖବର ଦାତା ପୂର୍ଣ୍ଣଚନ୍ଦ୍ର ନାୟକ ଓ ଶିଶିର କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରେସ କ୍ଲବ ସଭାପତି ବିଷ୍ଣୁ କେଶରୀ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଦଘାଟନୀ ମ୍ୟାଚ ହିଞ୍ଜିଳିକାଟୁ ସ୍ପୋର୍ଟିଂ ବନାମ ଶେରଗଡ଼ ରାଜବଂଶ କ୍ରିକେଟ କ୍ଲବ ମଧ୍ୟରେ ହେଇଥିଲା। ୧୫ ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେବେ। ପ୍ରଥମ ଦିନ ମ୍ପାୟର ଭାବେ ସୁରେଶ କୁମାର ନାୟକ ଏବଂ ରୋହନ ନାୟକ ଖେଳ ପରିଚାଳନା କରିଥିଲେ। ୟଙ୍ଗ କ୍ରିକେଟ କ୍ଲବ ର ବାପୁନି ସାଇଁ, ଦିଳିପ ପ୍ରଧାନ,ଦିପୁ ଦାସଙ୍କ ସମେତ କ୍ଲବ ର ସମସ୍ତ ସଭ୍ୟ ସହଯୋଗ କରୁଛନ୍ତି।

### ଆତ୍ମସୁରକ୍ଷା ତାଲିମ ଶିବିର

ଆସିକା,୨୭ା୧(ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକ କେନ୍ଦୁପଦରସ୍ଥିତ ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ମଙ୍ଗଳବାର ବାଳିକା ଆତ୍ମ ସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି। ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମର ପ୍ରସାଦ ବିଷୋୟୀ ଉଦଘାଟନ କରିଥିଲେ। ଯୁକ୍ତ୩ ପ୍ରଥମ ବର୍ଷ ଛାତ୍ରୀଙ୍କୁ ୮ ଦିନ ଧରି ତାଲିମ ଦେବା ଲାଗି ବ୍ୟବସ୍ଥା କରାଯାଇଛି। ପ୍ରଶିକ୍ଷିକା ଭାବେ ସଙ୍ଗିତା ନାହାକ ଏବଂ ଲିଜା ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷ ବିଷୋୟୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲିମର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମର ସହ ସଂଯୋଜିକା ଅଧାପିକା ସ୍ୱପ୍ନାରାଣୀ

# ଗଞ୍ଜାମ ସଂଗ୍ରାମୀଙ୍କ ବୀରତ୍ୱ ଇତିହାସରେ ଲିପିବଦ୍ଧ

ଛତ୍ରପୁର,୨୭ା୧(ଦିଲୀପ ସାମଲ): ଛତ୍ରପୁରସ୍ଥିତ ପୋଲିସ ପ୍ୟାରେଡ୍ ପଡ଼ିଆଠାରେ ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନି ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଗଞ୍ଜାମ ମାଟିର ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତି ଚାରଣ କରିଥିଲେ। ଗଣତନ୍ତ୍ର ଦିବସ ଆମ ଦେଶ ଓ ଜାତି ପାଇଁ ଗର୍ବ ଓ ଗୌରବର ଦିବସ ବୋଲି ସେ କହିଥିଲେ। ଘୁମୁସୁର ବିଦ୍ରୋହ, ବେଲଗୁଣ୍ଠା ଓ ପାରଳାଖେମୁଣ୍ଡିରେ ସ୍ୱାଧୀନତା ସଂଗ୍ରାମ ପଦଧ୍ୱନୀ ଏବେ ବି ଇତିହାସରେ ଗୁଞ୍ଜରିତ ହେଉଛି। ଚକରା ବିଷୋୟୀ ଓ ଦୋରା ବିଷୋୟୀଙ୍କ ବୀରତ୍ୱ ଇତିହାସରେ ଲିପିବଦ୍ଧ ହୋଇରହିଛି। ଗଞ୍ଜାମ ମାଟିର ଦିବାକର ପଟ୍ଟନାୟକ, ଶରତ ଚନ୍ଦ୍ର ମହାପାତ୍ର, ଶ୍ୟାମସୁନ୍ଦର ପଟ୍ଟନାୟକ, ଭରତ ବେହେରା, ବୈକୁଣ୍ଠ ନାୟକ, ନିରଞ୍ଜନ ପଟ୍ଟନାୟକ, କିଶୋରମଣି ପଟ୍ଟନାୟକ, ଶଶିଭୂଷଣ ରଥ, ଲିଙ୍ଗରାଜ ପାଣିଗ୍ରାହୀ, ବିଶ୍ୱନାଥ ଦାସ, ବାଞ୍ଛାନିଧି ପଟ୍ଟନାୟକ, ହରିହର ପଟ୍ଟନାୟକ, ଈଶ୍ୱର ସାହୁ, କୁଞ୍ଜଲତା ଦେବୀ, ଘନଶ୍ୟାମ ପଟ୍ଟନାୟକ, ଜଗନ୍ନାଥ ମିଶ୍ର, ଶ୍ରୀରାମଚନ୍ଦ୍ର ମର୍ଦ୍ଦରାଜ, ନନ୍ଦକିଶୋର ମିଶ୍ର, ହରିହର ମର୍ଦ୍ଦରାଜ ପ୍ରମୁଖ ସଂଗ୍ରାମୀଙ୍କୁ ଏହି ଅବସରରେ ଜିଲାପାଳ ଭକ୍ତିପୂତ ପ୍ରଣାମ ଜଣାଇଥିଲେ।



(((((ଫଟୋ))

ଗଞ୍ଜାମ ମାଟି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ ଓ କବି ଗୋପାଳକୃଷ୍ଣ, ବାସୁଦେବ ରଥଶର୍ମାଙ୍କୁ ଜନ୍ମ ଦେଇଛି, ଯେଉଁମାନେ ଓଡ଼ିଆ ସାହିତ୍ୟ ଓ ଭାଷାକୁ ଋଦ୍ଧିମନ୍ତ କରିଛନ୍ତି। ସେହିପରି ସାମାଜିକ-ସାଂସ୍କୃତିକ-ରାଜନୈତିକ-ଅର୍ଥନୈତିକ ଓ ଆଧାତ୍ମିକ ବିକାଶରେ ଗଞ୍ଜାମର ଅବଦାନ ଅତୁଳନୀୟ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ପ୍ୟାରେଡରେ ୩୭ଟି ଦଳ ଅଂଶ ଗ୍ରହଣ କରିଥିଲେ। ୪ଟି ଦଳ ଶାରୀରିକ କ୍ରୀଡା ପ୍ରଦର୍ଶନ କରିଥିଲେ। ରିଜର୍ଭ ଇନ୍ସପେକ୍ଟର ବିକାଶ ଚନ୍ଦ୍ର ସେନାପତି ଓ ସେକେଣ୍ଡ ଇନ କମାଣ୍ଡ, ସର୍ଜେଣ୍ଟ ଅଫ ପୋଲିସ ବିଶ୍ୱମ୍ଭର କହଁରଙ୍କ ତତ୍ତ୍ୱାବଧାନରେ ପ୍ୟାରେଡ ପରିଚାଳିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଥିବା ସିମାଞ୍ଚଳ ପାତ୍ର, ଡାକ୍ତର ରାଜେନ୍ଦ୍ର ପ୍ରଧାନ କ୍ରୀଡାବିତ୍ ତେମ୍ପାଲା ଶଙ୍କର ସଫଳ ଚାଷୀ କେଦାର ଜେନା, ଦାସକାଠିଆ ଗାୟକ ଭୂଷଣ, ଉପେନ୍ଦ୍ର ପାଣିଗ୍ରାହୀଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ୟାରେଡ ପରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ ପ୍ରଦର୍ଶନ କରାଯାଇଥିଲା। ସମାରୋହରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଉପାଧ୍ୟକ୍ଷା ଏସ. ରାଜେଶ୍ୱରୀ ଦୋରା, ଛତ୍ରପୁରଏନ୍‌ଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ସୁଧାଂଶୁ କୁମାର ଭୋଇ, ସୁନୀଲ କୁମାର କେର୍କେଟା ଓ

### ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର, ଉପ ଜିଲାପାଳ ଶିବାଶିଷ ବରାଳଙ୍କ ସମେତ ବହୁ ବୁଦ୍ଧିଜୀବୀ, ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଜିଲ୍ଲା ସ୍ତରୀୟ ପ୍ୟାରେଡରେ ଅଂଶ ଗ୍ରହଣ କରିଥିବା କଣ୍ଟିଜେଣ୍ଟ ମାନଙ୍କ ମଧ୍ୟରୁ ବିଜେତା ଏବଂ ଉପବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜନରାଜ୍ୟ ଦିବସ ଉପଲକ୍ଷେ ଜିଲ୍ଲାର ସମସ୍ତ ବ୍ଲକର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବାହ୍ନରେ ଗଞ୍ଜାମ ଜିଲା ପ୍ରଶାସନ ଏକାଦଶ ଓ ଗଣ ମାଧ୍ୟମ ଏକାଦଶଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ହୋଇଥିଲା। ଅପରାହ୍ନରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଜଉଗଡ ସମ୍ମିଳନୀ କକ୍ଷରେ ବହୁଭାଷୀ ଦେଶାତ୍ମବୋଧ କବିତା ପାଠୋତ୍ସବ ହୋଇଥିଲା। ସନ୍ଧ୍ୟାରେ ପି.ଏମ.ଶ୍ରୀ ଅନସ୍ଲୋ ହାଇସ୍କୁଲରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଧାନମଣ୍ଡିରୁ ୩ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି

ପାରଳାଖେମୁଣ୍ଡି,୨୭ା୧(ଗିରିଧାରୀ ପରିଚ୍ଛା) ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଅଗରଖଣ୍ଡିଠାରେ ଥିବା ଅସ୍ଥାୟୀ ଧାନମଣ୍ଡିରୁ ଲକ୍ଷାଧିକ ଟଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ଡି.ଖଗେଶ୍ୱର ରାଓ ମଙ୍ଗଳବାର ଏନେଇ ଗୁରାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୋମବାର ରାତିରେ କେତେଜଣ ଦୁର୍ବୃତ୍ତ ରାତ୍ର ଜଗୁଆଳିଙ୍କ ଅନୁପସ୍ଥିତିରେ ଧାନମଣ୍ଡିରେ ପଶି ସରକାରଙ୍କ ପକ୍ଷରୁ ଲଗାଯାଇଥିବା ସିସି କ୍ୟାମେରା ଏବଂ ଏହାର ସମସ୍ତ ଉପକରଣ, ପ୍ରିଣ୍ଟର, ଧାନ ଆଦ୍ରତା ମାପକ ଯନ୍ତ୍ର, ଓଜନ ମେଶିନ, ଟାର୍ପଲିନ ସହ ବିଭିନ୍ନ ଧାନ ମାପକ ଯନ୍ତ୍ରାଂଶ ଚୋରି କରି ନେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଏହାକୁ ଭିତ୍ତିକରି ଗୁରାଣ୍ଡି ଥାନା ଅଧିକାରୀ ଓମ ନାରାୟଣ ପାତ୍ରଙ୍କ ନିର୍ଦ୍ଦେଶରେ ଏକ ଟିମ ମଣ୍ଡିରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଧାନ ମଣ୍ଡି ପରିସରରେ ୩ଟି ମଦ ବୋତଲ ସହ ଖାଇବା ସାମଗ୍ରୀ ଓ ତିନୋଟି ଗ୍ଲାସ ପଡିଥିବା ଜଣାପଡିଛି। ଚୋରି ହୋଇଥିବା ବିଭିନ୍ନ ସାମଗ୍ରୀର ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି। ବିଭିନ୍ନ ଉପକରଣଗୁଡକ ଚୋରି ହୋଇଯାଇଥିବାରୁ ମଙ୍ଗଳବାର ମଣ୍ଡିକୁ ଧାନ ଧରି ଆସିଥିବା ଚାଷୀଙ୍କ କୌଣସି କାର୍ଯ୍ୟ ସମ୍ପାଦନ ହୋଇପାରିନି। ବିକଳ୍ପ ବ୍ୟବସ୍ଥା କରି ମଣ୍ଡି ଚଳାଇବା ପାଇଁ ଚାଷୀ ପ୍ରଶାସନକୁ ଅନୁରୋଧ କରିଛନ୍ତି।

# ରାଷ୍ଟ୍ରୀୟ ମତଦାତା ଦିବସରେ ପାଠଚକ୍ର



ପାଠଚକ୍ରରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ବୁଗୁଡ଼ା,୨୭ା୧(କାଳିଚରଣ ଦାଶ) ସ୍ଥାନୀୟ ପିପୁଲ୍ସ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ମତଦାତା ଦିବସ ପାଳନ ଅବସରରେ 'ମାଇଁ ଇଣ୍ଡିଆ, ମାଇଁ ଭୋଟ : ପ୍ଲେସିଙ୍ଗ୍ ଦି ସିଟିଜେନ୍ ଏଟ୍ ଦି ହାର୍ଟ ଅଫ୍ ଇଣ୍ଡିଆନ ଡେମୋକ୍ରାସି'ଶୀର୍ଷକ ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଡକ୍ଟର ପୁରୁଷୋତ୍ତମ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ, ମୁଖ୍ୟବକ୍ତା ଭାବେ ରାଜସୁନାଖଳା ଡିଗ୍ରୀ କଲେଜର ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ସନ୍ତୋଷ ସାହୁ, ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅକ୍ଷୟ ସାହୁ, ଅଧ୍ୟାପକ ବିନୋଦ କର, ପବିତ୍ର ଖଣ୍ଡୁଆଳ ଓ ଲୋକନାଥ ବେହେରା ଅନ୍ୟତମ ଅତିଥି ରୂପେ ମଞ୍ଚାସୀନ ଥିଲେ। ପୃଥିବୀର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ନିର୍ବାଚନ ପ୍ରକ୍ରିୟା ଓ ଜନଗଣଙ୍କ ମତଦାନର ମହତ୍ୱ ସହିତ ଯୁବବର୍ଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ ରୁପାଲି ପାତ୍ର, ସୋମିତ୍ ପରିଡା, ପୂଜା ସ୍ୱାଇଁ, ପ୍ରିୟଦର୍ଶିନୀ ପ୍ରଧାନ, ଗୀତାଞ୍ଜଳି ପ୍ରଧାନ, କାଜଲ ରାଣୀ ସ୍ୱାଇଁ ନିଜ ନିବନ୍ଧ ଉପସ୍ଥାପନା କରିଥିଲେ। ଅନୁଷ୍ଠିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ବିଭାଗୀୟ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଛାତ୍ରୀ ମମତା ନାୟକ ଧନ୍ୟବାଦ ଦେଇଥିଲେ।

# ଫୁଲବାଣୀରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

ଫୁଲବାଣୀ,୨୭ା୧(ରାକେଶ କୁମାର ରାଉତ): ଫୁଲବାଣୀ ପୋଲିସ ରିଜର୍ଭ ପଡ଼ିଆଠାରେ କନ୍ଧମାଳ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ମୁକ୍ତି ସଂଗ୍ରାମ ଏବଂ ଦେଶର ସୁରକ୍ଷାରେ ଶହୀଦ ହୋଇଥିବା ଦେଶଭକ୍ତମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ସମ୍ବିଧାନ ସଭାର ଅଧ୍ୟକ୍ଷ ଡଃ ଭୀମରାଓ ଆମ୍ବେଡକର ଏବଂ ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ଜନସାଧାରଣଙ୍କୁ ଏହି ଦିବସ ଉପରେ ଉଦବୋଧନ ଦେଇଥିଲେ। ୩୧ଟି ପ୍ଲାଟୁନ ପରେଡରେ ଅଂଶଗ୍ରହଣ କରିଥିଲେ। ୮ଟି ବିଭାଗର ସଂସ୍ଥା ସେମାନଙ୍କ ପ୍ରଜ୍ଞାପନ ମେଢ ପ୍ରଦର୍ଶନ କରିଥିଲେ। ୩ ଟି ଦଳ ମାସ ଡ୍ରିଲ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମାଓବାଦୀ ଦମନରେ




((((ଫଟୋ))

ଉଲ୍ଲେଖନୀୟ ସଫଳତା ପାଇଁ ୭ଜଣ ସୁରକ୍ଷାକର୍ମୀ, ଗଞ୍ଜେଇ ଚଲାଣ ଓ ଗଞ୍ଜେଇ ଚାଷ ନଷ୍ଟ ଦିଗରେ ସଫଳତା ପାଇଁ ୩ଜଣ ପୋଲିସ ଅଧିକାରୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସେହିପରି ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ଶ୍ରେଷ୍ଠ ପରେଡ ଦଳ ଓ ମାସ ଡ୍ରିଲ ଦଳକୁ ମନ୍ତ୍ରୀ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ଜିଲାପାଳ ବେଦଭୂଷଣ, ଏସପି ହରିଶ ବି.ସି, ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଫୁଲବାଣୀ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

### ବେଲଘର ହାତୀ ମୃତ ଘଟଣା ବିଦ୍ୟୁତ ଓ ବନ ବିଭାଗ ଦୋଷ ଲଦାଲଦି

ବାଲିଗୁଡା,୨୭ା୧ (ସଞ୍ଜୟ କୁମାର ପାଣିଗ୍ରାହୀ): ବାଲିଗୁଡ଼ା ବନଖଣ୍ଡ ଅଧିନସ୍ଥ ବେଲଘର ବନାଞ୍ଚଳରେ ହାତୀ ମୃତ୍ୟୁ ପରେ ଖଣ୍ଡ ଖଣ୍ଡ କରି କାଟି ପୋତି ଦିଆଯିବା ଘଟଣାରେ ଏବେ କଳି ଆରମ୍ଭ ହୋଇଛି। ବିଦ୍ୟୁତ ବିଭାଗ ପକ୍ଷରୁ କୁହାଯାଇଛି, ବନ ବିଭାଗ ନିଜ ମୁଣ୍ଡରୁ ଦୋଷ ଛଡ଼ାଇ ବିଦ୍ୟୁତ ବିଭାଗ ଉପରେ ଦୋଷ ଲଦି ଦେଉଥିବା ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀ ମାନସ ରଞ୍ଜନ ମହାରଣା, ଫୁଲବାଣୀ କହିଛନ୍ତି। ଆଉ ଏକ ତଥ୍ୟ ମଧ୍ୟ ବିଦ୍ୟୁତ ବିଭାଗର ବାଲିଗୁଡ଼ା ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ପଟ୍ଟନାୟକ କହିଛନ୍ତି। ଜାନୁଆରୀ ୫ରେ ହାତୀ ଗତିବିଧିକୁ ନଜରରେ ରଖି ଝିରିପାଣି ଅଞ୍ଚଳରେ ବିଦ୍ୟୁତ କାଟ କରଯାଇଥିଲା, କିଭଳି ହାତୀ ମୃତ ହେଲା ବନ ବିଭାଗ କହୁଛି ତାହା ସନ୍ଦେହ ଜନକ। ଗତ ୨୫ ତାରିଖରେ ବ୍ରହ୍ମପୁର ଆରସିସିଏଫ ବିଶ୍ୱନାଥ ନୀଳନବର ଖବରଦାତା ସମ୍ମିଳନୀ ମାଧ୍ୟମରେ ଜାନୁୟାରୀ ୫ ତାରିଖରେ ବେଲଘର ବନାଞ୍ଚଳର ମୁଣ୍ଡୁଟି ଜଙ୍ଗଲରେ ବିଦ୍ୟୁତ ଆଘାତରେ ହାତୀର ମୃତ୍ୟୁ ଘଟିଥିଲା ଏବଂ ମୃତ ହାତୀର ନମୁନା ଫରେନ୍ସିକ୍ ଲ୍ୟାବ୍‌କୁ ପଠାଯାଇଛି କହିବା ପରେ ମଙ୍ଗଳବାର ଫୁଲବାଣୀରେ ଥିବା ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀ କହିଛନ୍ତି ବନ ବିଭାଗ ପକ୍ଷରୁ ଆମକୁ କୌଣସି ଚିଠି କରାଯାଇ ନାହିଁ। ଜଙ୍ଗଲରେ ଯେକୌଣସି ବନ୍ୟପ୍ରାଣୀଙ୍କ ମୃତ୍ୟୁ ହେଲେ ବନ ବିଭାଗ ବିଦ୍ୟୁତ ବିତରଣ ବିଭାଗକୁ ଚିଠି କରିଥାଏ। କିନ୍ତୁ ବାଲିଗୁଡ଼ା ବନ ବିଭାଗ କୌଣସି ଚିଠି କରି ନାହିଁ କି ତଦନ୍ତ ପାଇଁ ଡାକି ନାହାନ୍ତି ବୋଲି ବିଦ୍ୟୁତ୍ ବିଭାଗ ପକ୍ଷରୁ

# ଭାଜପାର ସାଙ୍ଗଠନିକ ବୈଠକ

## ଯୋଗଦେଲେ ଶତାଧିକ ବଜେଡି ଓ କଂଗ୍ରେସ କର୍ମୀ

ଫୁଲବାଣୀ, ୨୭ା୧ (ରାକେଶ କୁମାର ରାଉତ) ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଭାଜପା ଏବେଠାରୁ ସଙ୍ଗଠନକୁ ମଜବୁତ କରିବା ଆରମ୍ଭ କରିଛି। ବିଭିନ୍ନ ସ୍ଥାନରେ ଦଳ ପକ୍ଷରୁ ବୈଠକ କରାଯାଉଛି। ଫୁଲବାଣି ନିର୍ବାଚନ ମଣ୍ଡଳୀର ଫୁଲବାଣୀ ଗ୍ରାମୀଣ ମଣ୍ଡଳ ପକ୍ଷରୁ ବିସିପଡା ଗାଁ ନିକଟରେ ଥିବା ଶାଳ ବଣରେ ଏକ କର୍ମୀ ସମ୍ମିଳନୀ ସହ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମଣ୍ଡଳ ସଭାପତି ଗୋଲକ ବିହାରୀ କହଁରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭାଜପା ଦଳର ନୀତି ଆଦର୍ଶକୁ ଭଲପାଇ ଫୁଲବାଣୀ ବ୍ଲକ ଅଞ୍ଚଳର ଶତାଧିକ ବିଜେଡ଼ି ଏବଂ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ସେମାନେ ମଧ୍ୟରେ ଜାମୁଝୋରି ପଞ୍ଚାୟତର ବରିଷ୍ଠ ବିଜେଡି ନେତା ପ୍ରେମାନନ୍ଦ ବେହେରା, ପୂର୍ବତନ ସରପଞ୍ଚ ବିଜୟ କହଁର, ଗୁମାଗଡ ପଞ୍ଚାୟତର ରାଜେଶ ଦିଗାଲ, ସାଗର ଦିଗାଲ, ବିଶିପଡ଼ା ପଞ୍ଚାୟତର ପ୍ରଭାତ ଦିଗାଲ, ଚନ୍ଦ୍ରକାନ୍ତ ଦିଗାଲ ଓ ରିଙ୍କୁ ଦିଗାଲଙ୍କ ସମେତ ବହୁ କଂଗ୍ରେସ ଓ ବିଜେଡି ନେତା, କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସମ୍ପାଦକ ତଥା କନ୍ଧମାଳ ଜିଲାର ବରିଷ୍ଠ ନେତା ଭଗବାନ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଜିଲା ସଭାପତି ପଣ୍ଡିତ କୁମାର ବିଶିମାଝି, ଉପ ସଭାପତି ଗୋଲକ ବିହାରୀ କହଁର, ସାଧାରଣ ସମ୍ପାଦକ ସଞ୍ଜିତ ମଣ୍ଡଳ, ସୁକାନ୍ତ ସାହୁ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଅତିଥିମାନେ ସରକାରଙ୍କ ନୂତନ ଯୋଜନା ଭିବିଜି ରାମ ଜି ତଥା ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଆଜୀବିକା ମିଶନ ଗ୍ରାମୀଣ ଯୋଜନା ଉପରେ ସମସ୍ତଙ୍କୁ ଅବଗତ କରାଇଥିଲେ।

# କାଶୀନଗର ଏନଏସି ବୈଠକ

କାଶୀନଗର, ୨୭ା୧(ପି.ମୁରଲୀ) କାଶୀନଗର ଏନଏସିର ସାଧାରଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷା ଏମ. ସୁଧାରାଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନିର୍ବାହୀ ଅଧିକାରୀ ଭାଗବତ ସାହୁ, ଏମ୍‌ପି ପ୍ରତିନିଧି ଏମ. ପ୍ରବୀଣ କୁମାର, ବିଧାୟକ ପ୍ରତିନିଧି ରଘୁରାମ ସାହୁ, ଯନ୍ତ୍ରୀ ରଜତ ପାଢ଼ୀ ମଞ୍ଚାସୀନ ଥିଲେ। ଉପସ୍ଥିତ କାଉନସିଲରମାନେ ଆଲୋଚନାରେ ଅଂଶଗ୍ରହଣକରି ବିଭିନ୍ନ ପ୍ରସ୍ତାବ ରଖିଥିଲେ। ପୋଖରୀ ଟେଣ୍ଡରରେ ଅନିୟମିତତା, ଭେଣ୍ଡିଂ ଜୋନ ବଣ୍ଟନ, ପ୍ରସ୍ତାବିତ ଶ୍ମଶାନଘାଟ ନିର୍ମାଣ ପାଇଁ ଡିପିଆର ପ୍ରସ୍ତୁତିରେ ବିଳମ୍ବ, ଶୌଚାଳୟଗୁଡିକରେ ପାଣି ଅସୁବିଧା, ଦୀର୍ଘ ଦିନ ଧରି ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡି ରହିଥିବା ଅଙ୍ଗନା ବାଡ଼ି ଗୃହ ନିର୍ମାଣ ଶେଷ କରିବାକୁ କାଉନସିଲରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପଡି ରହିଥିବା ଭେଣ୍ଡିଂ ଜୋନରୁ କ୍ୟାବିନ ନେବା ପାଇଁ ବ୍ୟବସାୟୀଙ୍କୁ ଅବଗତ କରାଯିବା, ତିନି ଦିନ ଭିତରେ ଶୌଚାଳୟଗୁଡ଼ିକରେ ପାଣି ସମସ୍ୟାର ସମାଧାନ କରିବା, ଗ୍ରୀଷ୍ମ ଆରମ୍ଭ ପୂର୍ବରୁ ଏନଏସି ଅଞ୍ଚଳରେ ଥିବା ନଳକୂପଗୁଡ଼ିକ ମରାମତି ପାଇଁ ଜନସ୍ୱାସ୍ଥ୍ୟ ବିଭାଗକୁ ଜଣାଇ ପଦକ୍ଷେପ ନେବା ସକାଶେ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଅଙ୍ଗନୱାଡ଼ି କେନ୍ଦ୍ର ନ ଥିବା ୱାର୍ଡରେ କାଉନସିଲରମାନେ ଚାହିଁଲେ ଅଙ୍ଗନୱାଡି ନିର୍ମାଣ ଲାଗି ପ୍ରସ୍ତାବ ଦେଇ ପାରିବେ ବୋଲି ନିର୍ବାହୀ ଅଧିକାରୀ କହିଥିଲେ।

# ଟାଏକୋଣ୍ଡାରେ ଗଜପତି ଜିଲାକୁ ସଫଳତା



କୃତୀ ଖେଳାଳିଙ୍କୁ ସମ୍ମାନିତ କରାଯାଉଛି।

ପାରଳାଖେମୁଣ୍ଡି,୨୭ା୧(ଗିରିଧାରୀ ପରିଚ୍ଛା) ରାଜସ୍ଥାନର ଜୟପୁରସ୍ଥିତ ସାୱାଇ ମାନସିଂ ଷ୍ଟାଡିୟମରେ ଚଳିତ ମାସ ୧୮ରୁ ୨୩ ପର୍ଯ୍ୟନ୍ତ ହୋଇଥିବା ଜାତୀୟ ସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାର ୨ୟ ଫେଡେରେଶନ କପ ୨୦୨୫-୨୬ରେ ଗଜପତି ଜିଲାକୁ ସଫଳତା ମିଳିଛି। ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ରାଜ୍ୟରୁ ୧୪୦୦ ଖେଳାଳି ଅଂଶଗ୍ରହଣ କରିଥିଲେ। ଜିଲା ଟାଏକୋଣ୍ଡା ଏକାଡେମୀର ଛାତ୍ର ସାଗର ବାରିକଙ୍କ ସହ ୩ ଜଣ ଛାତ୍ରୀ ସୁବର୍ଣ୍ଣା ସାହୁ, ପି. ସାଇସ୍ମିତା ଓ ଅନୁଶ୍ରୁତା ମଲ୍ଲିକ ପ୍ରତିଯୋଗିତାରେ ଅଂଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ସୁବର୍ଣ୍ଣା ରୌପ୍ୟ ପଦକ ଜିତିଥିବା ବେଳେ ଅନୁଶ୍ରୁତା ମଲ୍ଲିକ କାଂସ୍ୟ ପଦକ ହାସଲ କରି ଗଜପତି ଜିଲା ପାଇଁ ଗୌରବ ଆଣିଛନ୍ତି। ମଙ୍ଗଳବାର ଅପରାହ୍ନରେ ଏହି କୃତୀ ଖେଳାଳିମାନେ ପାରଳାଖେମୁଣ୍ଡିରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇଛି। ଏମାନଙ୍କୁ ଜିଲା ତାଇକୋଣ୍ଡା ଏକାଡେମୀ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଏକାଡେମୀର ପ୍ରଶିକ୍ଷାର୍ଥୀ ଓ ବହୁ ବ୍ୟକ୍ତି ବିଶେଷ ସ୍ୱାଗତ କରିଛନ୍ତି।

# ସ୍ୱଚ୍ଛତା ଓ ବୈଷୟିକ ଜ୍ଞାନକୌଶଳକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛୁ: ଜିଲାପାଳ

ପାରଳାଖେମୁଣ୍ଡି,୨୭ା୧ (ଗିରିଧାରୀ ପରିଚ୍ଛା) ଗଜପତି ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ଉତ୍ସବ ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆରେ ସୋମବାର ପାଳିତ ହୋଇଛି। ଏହି ଜାତୀୟ ଉତ୍ସବରେ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ପରେଡରେ ଅବିଭାଦନ ଗ୍ରହଣ କରିଥିଲେ। ଜିଲାପାଳ କହିଥିଲେ, ଆମ ସମ୍ବିଧାନ ବିଶ୍ୱର ସର୍ବ ବୃହତ ସମ୍ବିଧାନ। ଦେଶର ସମସ୍ତ ନାଗରିକଙ୍କୁ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ସମାନତା ଦିଗରେ ସମସ୍ତ ଜନସାଧାରଣଙ୍କୁ ସୁଯୋଗ ଯୋଗାଇଦେବା ଲାଗି ଆମ ସାମ୍ବିଧାନରେ ବ୍ୟବସ୍ଥା ରହିଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ମଙ୍ଗଳକାରି ଯୋଜନାର ସଫଳ ରୂପାୟନ ପାଇଁ ଜିଲା



ଅତିଥିମାନେ ଜଣେ କୃତୀ କ୍ୟାଡେଟ୍‌ଙ୍କୁ ପୁରସ୍କୃତ କରୁଛନ୍ତି।

ପ୍ରଶାସନ ଚେଷ୍ଟିତ ଏବଂ ସମାନୁପାତିକ ଓ ସାମୁହିକ ବିକାଶ ପାଇଁ ପ୍ରଶାସକମାନେ ଦଳଗତ କାର୍ଯ୍ୟ, ସ୍ୱଚ୍ଛତା ଓ ବୈଷୟିକ ଜ୍ଞାନକୌଶଳକୁ ଗୁରୁତ୍ୱ ଦେଉଥିବା ପ୍ରକାଶ କରିଥିଲେ। ଉତ୍ସବରେ ଏସ୍‌ପି ଯତୀନ୍ଦ୍ର ପଣ୍ଡା, ପାରଳାଖେମୁଣ୍ଡି ଡିଏଫ୍‌ଓ କେ. ନାଗାରାଜୁ, ଓଏସ୍‌ଓପି ତୃତୀୟ ବାଟାଲିୟନର କମାଣ୍ଡାଣ୍ଟ ଅଶୋକ ମହାନ୍ତି, ଅତିରିକ୍ତ ଜିଲାପାଳ ମୁନିନ୍ଦ୍ର ହୋନନାଗା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲକାନ୍ତ ମହାନ୍ତି, ଜିଲା ପରିଷଦ ଅଧ୍ୟକ୍ଷ ଜି.ତ୍ରିପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ଉତ୍ସବରେ ଜିଲାର ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା କ୍ରୀଡାବିତ ,କର୍ମଚାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ମାନପତ୍ର ଓ ସିଲଡ ଦେଇ ସମ୍ମାନିତ କରାଯାଇଥିଲା। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସେହିପରି ବରିଷ୍ଠ ବିଭାଗ ପରେଡ ପ୍ରତିଯୋଗିତାରେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଏନସିସି ଦଳ ପ୍ରଥମ, ମହାରାଜାଙ୍କ ବାଳକ ବିଦ୍ୟାଳୟର ଏନସିସି ଆର୍ମି ୱିଙ୍ଗ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କନିଷ୍ଠ ବର୍ଗରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଦ୍ୟାଳୟ ପ୍ରଥମ, ସେଣ୍ଟ ବିନସେଣ୍ଟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ବିଭନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ କରଯାଇଥିଲା। ପରେଡକୁ ଆର୍.ଆଇ. ନିରଞ୍ଜନ ନାୟକ ପରିଚାଳନା କରିଥିଲେ।



ଗୋପାଳପୁର ବେଳାଭୂମି ମହୋତ୍ସବ ପାଇଁ କୁଲାଡ ମା' ବାଗ୍‌ଦେବୀଙ୍କ ପୀଠରୁ ମଶାଲ ନିଆଯାଉଛି।



ମା' ତାରାତାରିଣୀଙ୍କ ପୀଠରୁ ମଶାଲକୁ ଗୋପାଳପୁର ମହୋତ୍ସବକୁ ନିଆଯାଉଛି।



ମଶାଲକୁ ମନ୍ତ୍ରୀଙ୍କ ହାତରୁ ଜିଲାପାଳ ଗ୍ରହଣ କରୁଛନ୍ତି।



ରାଜ୍ୟପାଳଙ୍କ ସହ ଅନ୍ୟମାନେ ସମୁଦ୍ର ଆଳତି କରୁଛନ୍ତି।



କଳାକାରମାନେ କଳାହାଣ୍ଡିର ଘୁମୁରା ନୃତ୍ୟ ପରିବେଷଣ କରୁଛନ୍ତି।



ପୁରୀ ସାହି ଜାତ କଳାକାରମାନେ ନାଗା ନୃତ୍ୟ ପରିବେଷଣ କରୁଛନ୍ତି।

# ପରମ୍ପରାକୁ ମନେ ପକାଇ ଯୁବପିଢ଼ି ଆର୍ଥିକ କ୍ଷେତ୍ରରେ ସମୃଦ୍ଧ ହେବା ଉଚିତ

ବ୍ରହ୍ମପୁର/ଗୋପାଳପୁର.୨୭।୧
(ସୁବାସ ଚନ୍ଦ୍ର ପାଢ଼ୀ/ନବୀନରାଜ ଆଚାରୀ)



କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ସହ ଅନ୍ୟ ଅତିଥିମାନେ।

ଗୋପାଳପୁର ବେଳାଭୂମି ମହୋତ୍ସବ ମଙ୍ଗଳବାର ଆରମ୍ଭ ହୋଇଛି। ପ୍ରାରମ୍ଭରେ ଜିଲାର ବିଭିନ୍ନ ଲୋକନୃତ୍ୟ ଜରିଆରେ ମା' ବାଲକୁମାରୀ, ମା' ତାରାତାରିଣୀ ଓ ବାଗ୍‌ଦେବୀ ପୀଠରୁ ମଶାଲ ପହଞ୍ଚିଥିଲା। ବାଣିଜ୍ୟ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନାରାୟଣପୁର ଛକରେ ମଶାଲକୁ ସ୍ୱାଗତ କରି ବେଳାଭୂମିରେ ପହଞ୍ଚିଥିଲେ। ସନ୍ଧ୍ୟାରେ ବାରଣାସି ପଣ୍ଡିତଙ୍କ ଦ୍ୱାରା ସମୁଦ୍ର ଆଳତି ହୋଇଥିଲା। ଜିଲାପାଳ ଭି.କୀର୍ତ୍ତିଭାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ସମ୍ମାନନୀୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର, ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର, ଗୋପାଳପୁର ଏନଏସି ଅଧ୍ୟକ୍ଷ ଏ.ଜାନକୀରାମ ମଞ୍ଚାସୀନ ଥିଲେ।

ରାଜ୍ୟପାଳ କହିଥିଲେ, ପୂର୍ବ କାଳରେ ସାଧବମାନେ ଏହି ସମୁଦ୍ରରୁ ବାଣିଜ୍ୟ କରିବାକୁ ଯାଉଥିଲେ। ସେମାନେ ନିଜ ଆର୍ଥିକ ସ୍ଥିତିକୁ ଦେଖୁ ନ ଥିଲେ। ଓଡ଼ିଶାର ଭାଷା, କଳା, ସଂସ୍କୃତି ସହ ଅନ୍ୟ ଦେଶର ଭାବ ବିନିମୟ ହୋଇପାରୁଥିଲା, ଯାହାକି ଓଡ଼ିଶାର ଗୌରବ ଥିଲା। ଆଜିର ବିଜ୍ଞାନ ଯୁଗରେ ତାହା ଯେତେ ଅଲଗା ହେଲେ ମଧ୍ୟ ସମାନ ସ୍ଥିତି ରହିଛି। ପରମ୍ପରାକୁ ମନେ ପକାଇ ଯୁବପିଢ଼ି ଆର୍ଥିକ କ୍ଷେତ୍ରରେ ସମୃଦ୍ଧ ହେବାକୁ ଚେଷ୍ଟା କରିବା ଉଚିତ, ଯାହାକି ମହୋତ୍ସବ ମାଧ୍ୟମରେ ପ୍ରତିପାଦିତ ହେଉଛି। ଏହାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ। ଗୋପାଳପୁରକୁ ଅନେକ ପର୍ଯ୍ୟଟକ ଆସୁଛନ୍ତି। ଭବିଷ୍ୟତରେ ଏହା ବିଶ୍ୱର ଏକ ପର୍ଯ୍ୟଟନ ହବ୍ ହେବ ବୋଲି ସେ କହିଥିଲେ। ମଞ୍ଚାସୀନ ଅତିଥିମାନେ ମଧ୍ୟ ଗଞ୍ଜାମର କଳା, ସଂସ୍କୃତି ଓ ଐତିହ୍ୟ ଉପରେ ଉଦବୋଧନ ଦେଇଥିଲେ। ୪ ଦିନିଆ ଏହି ମହୋତ୍ସବ ଆସନ୍ତା ୩୦ତାରିଖ ଯାଏଁ ଚାଲିବ। ମନ୍ତ୍ରୀ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଭି.କୀର୍ତ୍ତିଭାସନ କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ଏହାକୁ ବିଶ୍ୱସ୍ତରୀୟ କରିବା ପାଇଁ ପ୍ରୟାସ ଚାଲିଛି। ପଲ୍ଲୀଶ୍ରୀ ମେଳା, ଲୋକନୃତ୍ୟ, ଲୋକସଙ୍ଗୀତ, ହସ୍ତଶିଳ୍ପ ପ୍ରଦର୍ଶନୀ, ସାଂସ୍କୃତିକ କାର୍ଯ୍ୟକ୍ରମ, ଝୋଟି ଚିତ୍ର, କବିତା ଆବୃତ୍ତି, ପ୍ୟାନେଲ ଆଲୋଚନା ଭଳି ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ବେଳାଭୂମିରେ ଭଲିବଲ, ଫୁଟବଲ, ବୋଟ ରେସିଂ ଭଳି କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେବ। ଏହା ସହିତ ମେଗା ଓଲିଉଡ ଷ୍ଟାର୍ ନାଇଟ ଭଳି ବିଶେଷ ଆକର୍ଷଣ ରହିଛି। ଡ୍ରୋନ ଶୋ, ଲାଇଟ ଓ ମ୍ୟୁଜିକ ଓ ଅନ୍ୟାନ୍ୟ ମନୋରଞ୍ଜନମୂଳକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକର୍ଷିତ କରିଛି। ଜିଲାର କଳା, ସଂସ୍କୃତି ଓ ଐତିହ୍ୟକୁ ପ୍ରଚାର କରିବା ସହ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲାପାଳ କହିଛନ୍ତି। ଦେଶ ବିଦେଶରୁ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସୁରକ୍ଷା, ଯାତାୟାତ, ସ୍ୱଚ୍ଛତା ଓ ଜନସୁବିଧା ପାଇଁ ସମସ୍ତ ବିଭାଗର ସମନ୍ୱୟରେ କାମ ସରିଚି। ଏ ଅବସରରେ ରାଜ୍ୟସ୍ତରୀୟ ପଲିଶ୍ରୀ ମେଳା ଉଦଘାଟିତ ହୋଇଛି। ଏଠାରେ ପଡ଼ିଥିବା ୩୦୦ ଷ୍ଟଲରୁ ୨୫୦ ଷ୍ଟଲରେ ଏସଏଚଜି ମହିଳାଙ୍କ ଉତ୍ପାଦିତ ଦ୍ରବ୍ୟ ବିକ୍ରି ହେଉଛି। ଶୃଙ୍ଖଳା ପାଇଁ ୫ ପ୍ଲାଟୁନ ଫୋର୍ସ ସହ ୧୦୦ ଅଧିକାରୀ ମୁତୟନ ହୋଇଛନ୍ତି। ବଡକୁଶସ୍ଥଳୀ ସ୍ଥିତ ନରେନ୍ଦ୍ରପୁର କଳାବିକାଶ କେନ୍ଦ୍ର ରଣପା ନୃତ୍ୟ ପରିବେଷଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲା। ଛତ୍ରପୁର କଳାବିକାଶ କେନ୍ଦ୍ର ଓଡ଼ିଶୀ ନୃତ୍ୟ, ବ୍ରହ୍ମପୁର ସଙ୍ଗୀତ ଆରାଧନ ନୃତ୍ୟ ଓ ସଙ୍ଗୀତ ଏକାଡେମୀ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ଏମ ଜେ ଭାଇରସ ଡ୍ୟାନସ ଗ୍ରୁପ ଆଧୁନିକ ନୃତ୍ୟ, ଲକ୍ଷ୍ୟମଞ୍ଜରୀ କଳା କ୍ଷେତ୍ର ପକ୍ଷରୁ କୁଚୁପୁଡି ନୃତ୍ୟ, କରାପଲ୍ଲୀ ସ୍ଥିତ ବିଟ୍ ଦ ଷ୍ଟାଇଲ ଏକାଡେମୀ ପକ୍ଷରୁ ଶାସ୍ତ୍ରୀୟ ନୃତ୍ୟ, ବ୍ରହ୍ମପୁର ଓଡ଼ିଶୀ ନୃତ୍ୟାୟନ ପକ୍ଷରୁ ବିହୁ, ପୁରୀ ଜିଲା ସାଂସ୍କୃତିକ ପରିଷଦ ପକ୍ଷରୁ ନାଗା ନୃତ୍ୟ, କଳାହାଣ୍ଡି ସ୍ଥିତ ଜିତେନ୍ଦ୍ର ଭୋଇ ଏବଂ ଗ୍ରୁପ ପକ୍ଷରୁ ଘୁମୁରା ନୃତ୍ୟ, ରାଜସ୍ଥାନର ମମତା ବାଇ ଅନ୍ତର୍ଜାତୀୟ କଳାକାରଙ୍କ ପକ୍ଷରୁ ଘୁମୁରା ନୃତ୍ୟ ପରିବେଷଣ ହୋଇଥିଲା। ଉଦଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# ସାଇବର ଠକେଇ: ୫୮ ଲକ୍ଷ ହରାଇଲେ ଯୁବକ

ବ୍ରହ୍ମପୁର,୨୭।୧(ସୁବାସ ଚନ୍ଦ୍ର ପାଢ଼ୀ) ସାଇବର ଠକମାନେ ଅନଲାଇନ ନିବେଶ ନାଁରେ ବ୍ରହ୍ମପୁରର ଜଣେ ଯୁବକଙ୍କ ଠାରୁ ୫୮ ଲକ୍ଷ ଟଙ୍କା ଠକି ନେଇଛନ୍ତି । ଏ ନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ବ୍ରହ୍ମପୁର ଟାଉନ ଥାନା ଅଞ୍ଚଳର ଜଣେ ଯୁବକଙ୍କ ନିକଟକୁ ଆଜକୁ ଦେଢ ମାସ ତଳେ ଏକ ଅଜଣା ନମ୍ବରରୁ କଲ ଆସିଥିଲା । କଲ କରିଥିବା ବ୍ୟକ୍ତି ଜଣଙ୍କ ନିଜକୁ ଏକ ସଂସ୍ଥାର ଅଧିକାରୀ ବୋଲି ପରିଚୟ ଦେବା ସହ ତାଙ୍କ ସଂସ୍ଥା ଜରିଆରେ ନିବେଶ କଲେ ଭଲ ଲାଭ ମିଳିବ ବୋଲି କହିଥିଲେ। ନାମିଦାମୀ କମ୍ପାନୀର ଷ୍ଟକ ଏବଂ ଆଇପିଓ ବିଷୟରେ କହି ତାଙ୍କ ସଂସ୍ଥା ଦ୍ୱାରା ପରିଚାଳିତ ଆପରେ ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ । ସାଇବର ଠକଙ୍କ କହିବା ପରେ ଯୁବକ ଜଣଙ୍କ ପ୍ରଥମେ କିଛି ନିବେଶ କରିଥିଲେ। ସେହି ଟଙ୍କାରେ ଷ୍ଟକ ଓ ଆଇପିଓ କିଣାଯାଇଥିଲେ। ସେହି ଷ୍ଟକର ମୂଲ୍ୟ ବଢିବା ସହ ଯୁବକଙ୍କ ନାଁରେ ଖୋଲା ଯାଇଥିବା ଆକାଉଣ୍ଟରେ ତାହା ଦର୍ଶାଇଥିଲା । ଏହାପରେ ଲୋଭରେ ପଡିବ ଯୁବକ ଜଣଙ୍କ ୧ ମାସ ଭିତରେ ସେ ୫୮ ଲକ୍ଷ ଟଙ୍କା ନିବେଶ କରିଦେଇଥିଲେ। ହେଲେ କମିଶନ ଉଠାଇବାକୁ ଚେଷ୍ଟା କରି ବିଫଳ ହେବାରୁ ଠକେଇର ଶିକାର ଜାଣି ଥାନାରେ ଅଭିଯୋଗ କରିଥିଲେ।

# ଗଣତନ୍ତ୍ର ଓ ସମ୍ବିଧାନ ସୁରକ୍ଷା ସଭିଙ୍କର ଦାୟିତ୍ୱ

ବ୍ରହ୍ମପୁର ,୨୭।୧(ସ୍ମୃତି ରଞ୍ଜନ ମହାଲିକ) ସାଧାରଣତନ୍ତ୍ର ଦିବସ ବ୍ରହ୍ମପୁର ସ୍ଥିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଛି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ । ଏହି ସମ୍ବିଧାନ ହେଉଛି ଆମ ଦେଶର ମୂଳପିଣ୍ଡ । ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ଏହା ନାଗରିକମାନଙ୍କୁ ସମାନ ଅଧିକାର ପ୍ରଦାନ କରିଛି ବୋଲି କହିଥିଲେ । ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ, ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଉପସ୍ଥିତ ଥିଲେ। ପରେଡରେ ୩୨ଟି ପ୍ଲାଟୁନ ଓ ୮ଟି ଦଳ ଶାରୀରିକ କ୍ରୀଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ପ୍ୟାରେଡ କମାଣ୍ଡର ଆର.ଆଇ.ଅଫ ପୋଲିସ ଏମ ଲକ୍ଷ୍ମୀ ରଞ୍ଜନ ପ୍ୟାରେଡ ପରିଚାଳନା କରିଥିଲେ । ଏହି ପରିପ୍ରେକ୍ଷୀରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ବାଲ୍ୟ ବିବାହ ବନ୍ଦ ପାଇଁ ବିଚାରପତିଙ୍କ ଆହ୍ୱାନ




କାର୍ଯ୍ୟକ୍ରମରେ ଉପସ୍ଥିତ ବିଚାରପତିମାନେ।

ବ୍ରହ୍ମପୁର, ୨୭।୧(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅଶାନ୍ତ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ (ଡ଼ିଏଲଏସଏ) ବ୍ୟୋମକେଶ ନାୟକଙ୍କ ପୌରହିତ୍ୟରେ ବ୍ରହ୍ମପୁର ସିଭିଲ କୋର୍ଟ ପରିସରରେ ସୋମବାର ସାଧାରଣତନ୍ତ୍ର ଦିବସ ପାଳନ ହୋଇଥିଲା। ଏହି ଅବସରରେ ବାଲ୍ୟ ବିବାହ ନିଷିଦ୍ଧ ବିଷୟ ଉପରେ ଏକ ସାଇକେଲ ରାଲି ଏବଂ ଜୁଡ଼ିସିଆଲ ଏକାଡେମୀ ପରିସରରେ ଏକ ସଚେତନତା ଶିବିର ମଧ୍ୟ ଅନୁଷ୍ଠିତ ହୋଇଯାଇଛି । "ଆଇନ ମାନନ୍ତୁ-ପିଲାଙ୍କୁ ବଞ୍ଚାନ୍ତୁ, ଶିଶୁଙ୍କ ସ୍ୱପ୍ନକୁ ମାରନି-ଶିଶୁ ବିବାହ କରନି, ବାଲ୍ୟ ବିବାହ ଏକ ଦଣ୍ଡନୀୟ ଅପରାଧ, ବାଲ୍ୟ ବିବାହ ବନ୍ଦ କରିବା-ସମାଜକୁ ଆଗକୁ ନେବା"ଆଦି ସ୍ଲୋଗାନ ର ସହ ସାଇକେଲ ରାଲି କୋର୍ଟ ପରିସରରୁ ବାହାରି କମାପୋଲି ରୋଡ଼ ଦେଇ କୋର୍ଟପେଟା ଛକ ହୋଇ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ବାହାର ଦେଇ ପୁଣି କୋର୍ଟ ପରିସରରେ ପହଞ୍ଚିଥିଲା । ସଚେତନତା ଶିବିରରେ ଜିଲା ଜଜ ଅଶାନ୍ତ କୁମାର ଦାଶ ଅଧକ୍ଷତା କରିଥିଲେ। ସେହିପରି ଭିଜିଲାନ୍ସ ଜଜ ଜ୍ଞାନେନ୍ଦ୍ର ବାରିକ, ଗଞ୍ଜାମ ଆଇନ ମହାବିଦ୍ୟାଳୟ ଅଧକ୍ଷ ଡ. ବିନାୟକ ପଟନାୟକ, ଡ଼ିଏଲଏସଏ ସଚିବ ବ୍ୟୋମକେଶ ନାୟକ ମଞ୍ଚାସିନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ ନରେଶ ମହାନ୍ତି, ଦିତ୍ତୀୟ ଅତିରିକ୍ତ ଜିଲ୍ଲା ଜଜ ଅୟୁଷମାନ ମହନ୍ତ, ତୃତୀୟ ଅତିରିକ୍ତ ଜିଲ୍ଲା ଜଜ ବିବସ୍ୱତ ଗୌତମ ପରିବାର ଅଦାଲତ ବିଚାରପତି ଜାନକୀ ବିଶ୍ୱାଳ, ପୋକସୋ କୋର୍ଟ ବିଚାରପତି ପ୍ରଣତି ପଟ୍ଟନାୟକ, ଓପିଆଇଡିସଂଗୀତା ପାଣି, ଜେଏମଏସସି ଟ୍ରାନ୍ସପୋର୍ଟ ସବ୍ୟସାଚୀ ପଣ୍ଡା, ସିଭିଲ କୋର୍ଟ ବିଚାରପତି ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ,ଜେଏମଏସସି ଏଲଆର ଏବଂ ଏଲଟିଭି ଅନନ୍ୟା ଦାସ,ଜେଏମଏସସି ବ୍ରହ୍ମପୁର ସସ୍ମିତା ସାମଲଙ୍କ ସହ ସମସ୍ତ ବିଚାରପତି ଉପସ୍ଥିତ ଥିଲେ।

# ଅଧିକ କମିଶନ ଲୋଭ ଦେଖାଇ ୧୦ ଲକ୍ଷ ନେଇଗଲେ

ବ୍ରହ୍ମପୁର,୨୭।୧(ସୁବାସ ଚନ୍ଦ୍ର ପାଢ଼ୀ)

ଅଧିକ କମିଶନର ଲୋଭ ଦେଖାଇ ଜଣେ ବରିଷ୍ଠ ନାଗରିକଙ୍କୁ ସାଇବର ଠକ ତାଙ୍କ ଜାଲରେ ପକାଇଛନ୍ତି। ଅନଲାଇନ ନିବେଶ ନାଁରେ ବ୍ରହ୍ମପୁର ଆଙ୍କୁଲି ଅଞ୍ଚଳର ଜଣେ ବରିଷ୍ଠ ନାଗରିକଙ୍କ ଠାରୁ ସାଇବର ଠକମାନେ ୧୦ ଲକ୍ଷ ଟଙ୍କା ୭୪ ହଜାର ଟଙ୍କା ଠକି ନେଇଛନ୍ତି । ଏ ନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଥାନାରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ଘଟଣାର ତଦନ୍ତ କରୁଛି। ଆଙ୍କୁଲି ବରିଷ୍ଠ ନାଗରିକ ଜଣଙ୍କ ଆଜକୁ ୩ ମାସ ତଳେ ହ୍ୱାଟସଆପରେ ଆସିଥିବା ଏକ ମେସେଜ ଲିଙ୍କ ଜରିଆରେ ଏକ ଟେଲିଗ୍ରାମ ଚ୍ୟାନେଲରେ ଯୋଡି ହୋଇଥିଲେ। ଅନଲାଇନରେ କାମ ଦିଆଯାଇଥିଲା। ଅନଲାଇନରେ ନିବେଶ କଲେ ଭଲ କମିଶନ ମିଳିବ ବୋଲି ସେହି ଚ୍ୟାନେଲ ପରିଚାଳନା କରୁଥିବା ଆଡମିନ ମାନେ କହିଥିଲେ । ପରେ ବରିଷ୍ଠ ନାଗରିକ ଜଣଙ୍କ ଅଳ୍ପ କିଛି ଟଙ୍କା ନିବେଶ କରିଥିଲେ । କମିଶନ ମିଳିବା ପରେ ୨ ମାସ ଭିତରେ ସେ ମୋଟ ୧୦ ଲକ୍ଷ ୭୪ ହଜାର ଟଙ୍କା ନିବେଶ କରିଥିଲେ । ହେଲେ ସେ ଯେତେବେଳେ ନିଜ ଟଙ୍କା ଉଠାଣ ପାଇଁ ଉଦ୍ୟମ କରିଥିଲେ ତାହା ସମ୍ଭବ ହୋଇନଥିଲା। ପରେ ସେ ଠକେଇର ଶିକାର ହୋଇଥିବା ଜାଣି ଥାନାକୁ ଯାଇ ଅଭିଯୋଗ କରିଥିଲେ।

# ପୁଅ ବିବାହ ଭୋଜି ପୂର୍ବରୁ ଦୁର୍ଘଟଣାରେ ବାପା ମୃତ

ହିଞ୍ଜିଳିକାଟୁ,୨୭।୧(ଦ୍ୱିତୀକୃଷ୍ଣ ପଣ୍ଡା): ପୁଅ ବାହାଘର ଭୋଜି ପୂର୍ବରୁ ଦୁର୍ଘଟଣାରେ ବାପାଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ହିଞ୍ଜିଳିକାଟୁ ପାଟଣା ସାହିର ତ୍ରିଲୋଚନ ପାତ୍ର(୬୨)। ମଙ୍ଗଳବାର ଅପରାହ୍ନରେ ହିଞ୍ଜିଳି ଥାନା ଅନ୍ତର୍ଗତ ୫୯ନଂ. ଜାତୀୟ ରାଜପଥ ପାର୍ଶ୍ୱ ଏକ ହୋଟେଲ ନିକଟରେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି।

ପାଟଣା ସାହି ବାସିନ୍ଦା ତ୍ରିଲୋଚନଙ୍କ ପୁଅଙ୍କ ବିବାହ ଭୋଜି ପାଇଁ ଉକ୍ତ ହୋଟେଲ କଲ୍ୟାଣ ମଣ୍ଡପରେ ପ୍ରସ୍ତୁତି ଚାଲିଥିଲା। ତ୍ରିଲୋଚନ ସେଠାକୁ ସ୍କୁଟିରେ ଯିବା ସମୟରେ ପଛପଟୁ ଏକ ଟାଟା ଏସିଇ (ନଂ ଓଡି୦୭ ଏଚ ୧୧୦୫) ଧକ୍କା ଦେଇଥିଲା। ଫଳରେ ତ୍ରିଲୋଚନ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ବ୍ରହ୍ମପୁର ବଡ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ହୋଇଛି।

# ପୁରୀରେ ଜମିକିଣା ନାଁରେ ୫୧ଲକ୍ଷ ଠକେଇ ଅଭିଯୋଗ

ବ୍ରହ୍ମପୁର,୨୭।୧(ସୁବାସ ଚନ୍ଦ୍ର ପାଢ଼ୀ):

ପୁରୀରେ ଜମିକିଣା ନାଁରେ ବ୍ରହ୍ମପୁରର ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଠାରୁ ୫୧ ଲକ୍ଷ ଟଙ୍କା ଠକେଇ ହୋଇଛି । ଏ ନେଇ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହେବା ସହ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

କମାପଲ୍ଲୀ ନିକଟରେ ରହୁଥିବା ଅବସରପ୍ରାପ୍ତ କର୍ମଚାରୀ ଜଣଙ୍କ ନିଜର ଜଣେ ବନ୍ଧୁଙ୍କ କହିବା ପ୍ରକାରେ ୨୦୧୦ରେ ପୁରୀ ଠାରେ ଶ୍ରୀଗୋପାଳଜୀଉ ନାମରେ ଥିବା ଏକ ଜମି କିଣିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ଏଥିପାଇଁ ସେ ନିଜ ବନ୍ଧୁ ଓ ତାଙ୍କ ପରିବାର ଲୋକଙ୍କୁ ମୋଟ ୫୧ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ଆଜି ଯାଏଁ ଉକ୍ତ ଜମି ତାଙ୍କ ନାମରେ ହୋଇପାରିନାହିଁ। ଏପରିକି ଟଙ୍କା ମାଗିଲେ ଧମକ ମିଳୁଥିବା ସେ ଅଭିଯୋଗ କରିଛନ୍ତି । ଅବସରପ୍ରାପ୍ତ ସରକାରୀ କର୍ମଚାରୀ ହୋଇଥିବାରୁ ଲୋକେ ତାଙ୍କୁ ବିଶ୍ୱାସରେ ଲକ୍ଷ ଲକ୍ଷ ଟଙ୍କା ଦେଇଥିଲେ । ହେଲେ ଜମି କିଣା ହୋଇନପାରିବାରୁ ସେମାନେ ଟଙ୍କା ଫେରାଇବାକୁ ବାଧ କରିଥିଲେ। ତେଣୁ ଅବସରପ୍ରାପ୍ତ କର୍ମଚାରୀ ଜଣଙ୍କ ଟଙ୍କା ମଧ୍ୟ ଫେରାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି ।

# ପ୍ଲାଷ୍ଟିକ ମୁକ୍ତ ଚିଲିକା ଅଭିଯାନ

ରମ୍ଭା,୨୭।୧(ବନବାସୀ ସେଠୀ)
ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀଙ୍କ ନେତୃତ୍ୱରେ ଏବଂ ଏନଏସି କର୍ମଚାରୀଙ୍କ ସହଯୋଗରେ ମଙ୍ଗଳବାର ଚିଲିକା ଜେଟି ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକମୁକ୍ତ ଚିଲିକା ଅଭିଯାନରେ ସଫେଇ କରାଯାଇଥିଲା। ଏଥିରେ ରମ୍ଭା ଏନଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁ, ନିର୍ବାହୀ ଅଧିକାରୀ ଆଶାଲତା ରଚମାଳା, ଶିକ୍ଷାବିତ ବିଜୟ ବିଶ୍ୱାଳ, ପରିବେଶବିତ ସାମନ୍ତ ନିର୍ମଳ ରଣସିଂ ଓ ଅନ୍ୟମାନେ ସାମିଲ ହୋଇଥିଲେ। ରମ୍ଭା ଫରେଷ୍ଟର ସ୍ୱର୍ଣ୍ଣପ୍ରଭା ମହାପାତ୍ର, ପିଟିଶାଳ ଫରେଷ୍ଟର ଦୁର୍ଗା ଚରଣ ଟୁଡୁ, କେଶପୁରରୁ ବଳରାମ ସାହୁ, ଦିଲୀପ ସ୍ୱାଇଁ, ଫରେଷ୍ଟ ଗାର୍ଡ ଭାନୁମତୀ ବେହେରା, ସୁଭଦ୍ରା ଜେନା ସନ୍ତୋଷ ସାହୁ, ସତ୍ୟ ରଞ୍ଜନ ରଥ, ତପନ ଜେନା, ଆଲୋକ ଜେନା ଏବଂ ସ୍କାର୍ଡ ମେମ୍ବର ଦେବାଶିଷ ବେହେରାଙ୍କ ସହ ରମ୍ଭା ଏନଏସିର ସଫେଇ କର୍ମଚାରୀ, ସ୍ୱଚ୍ଛସାଥୀ, ଦୀପକ ବିଶୋଇ, ଅଧ୍ୟକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ, ବନବାସୀ ସେଠୀ ସହଯୋଗ କରିଥିଲେ। ସଫେଇ ବେଳେ ଅନେକ ପ୍ଲାଷ୍ଟିକ ଗ୍ଲାସ,କପ୍‌ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ସଂଗ୍ରହକରାଯାଇ ନଷ୍ଟ କରାଯାଇଥିଲା।

# ଟିପିଏସଓଡିଏଲ ପକ୍ଷରୁ ସାଧାରଣତନ୍ତ୍ର ଦିବସ

ବ୍ରହ୍ମପୁର,୨୭।୧(ସ୍ମୃତି ରଞ୍ଜନ ମହାଲିକ)
ଟିପିଏସଓଡିଏଲ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବ୍ରହ୍ମପୁରସ୍ଥିତ ଏହାର କର୍ପୋରେଟ କାର୍ଯ୍ୟାଳୟରେ ସିଇଓ ଅମିତ କୁମାର ଗର୍ଗ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ସେ ବିକଶିତ ଭାରତ ସମ୍ପର୍କରେ କହିଥିଲେ। ସେବା ପ୍ରଦାନରେ ନିରନ୍ତର ଉନ୍ନତି, ସ୍ଥାୟୀତ୍ୱ ଉଦ୍ୟମ ଏବଂ ଗୋଷ୍ଠୀ -କେନ୍ଦ୍ରିକ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଜାତୀୟ ଲକ୍ଷ୍ୟକୁ ସମର୍ଥନ କରିବାରେ ଟିପିଏସଓଡିଏଲର ଭୂମିକାକୁ ଉଜ୍ଜ୍ୱଳ କରେ



ବୋଲି ସେ ପ୍ରକାଶ କରିଥିଲେ ।ସେ କମ୍ପାନୀର ଗ୍ରାମାଞ୍ଚଳ ବିଦ୍ୟୁତୀକରଣ, ନବୀକରଣୀୟ ଶକ୍ତିର ଏକୀକରଣ ଏବଂ ଦକ୍ଷିଣ ଓଡ଼ିଶାରେ ବିଦ୍ୟୁ ବଣ୍ଟନ ନେଟୱର୍କକୁ ମଜବୁ କରିବାକୁ ଲକ୍ଷ୍ୟ ରଖି ଉଦ୍ଭାବନୀ ସମାଧାନଗୁଡ଼ିକର ଗ୍ରହଣ ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ।

